ଧରିତ୍ରୀ
DHARITRI

Dt:27/07/2017

# ନିସ୍‌ର ଶିକ୍ଷକ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର: ସ୍ଥାନୀୟ ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନରେ ଏକ ଶିକ୍ଷକ ପ୍ରଶିକ୍ଷଣ ଶିବିର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିସ୍‌ର ପ୍ରତିଷ୍ଠାତା ସମ୍ପାଦକ ସୁଭାଷଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କରି ଚଳତ ବର୍ଷର ନୂତନ ପାଠ୍ୟ ଖସଡା ଅନୁସାରେ ଛାତ୍ରୀଛାତ୍ରଙ୍କୁ କିପରି ପାଠ ପଢାଯିବ ଏହାର ଶୈଳି ଓ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଉନ୍ନତମାନର ଶିକ୍ଷାଦାନ ଓ ଏହାର ପ୍ରୟୋଗାତ୍ମକ ପ୍ରଣାଳୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସୁ ନାଗରିକ ଭାବେ ଗଢି ତୋଳିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗ ଦର୍ଶନ କରିବା ଅଧ୍ୟାପିକା ଅଧ୍ୟାପକଙ୍କ ପରମ କର୍ତ୍ତବ୍ୟ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏହି ଅବସରରେ ନିସ୍ ଅନୁଷ୍ଠାନର ଡିନ୍ ଡ. ସ୍ମୃତିକାନ୍ତ ଦୀକ୍ଷିତ, ଉପନିର୍ଦ୍ଦେଶକ ଦୁଷ୍ମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।